# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 13th September - 2025

********************************

*Desk*

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ।

କଟକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଏବଂ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ପୂର୍ବାହ୍ନ ୧୧ଟାରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ। ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ।

*Desk*

## ପି.ଏମ୍. କିଷାନ୍ - କେ.ୱାଇ.ସି.

ରାଜ୍ୟ ସରକାର ପି.ଏମ୍. କିଷାନରେ କେ.ୱାଇ.ସି. ଅପ୍‌ଡେଟ୍ ଅବଧିକୁ ଆଉ ୬ ମାସ ବୃଦ୍ଧି କରିଛନ୍ତି । ପି.ଏମ୍. କିଷାନ୍ ହିତାଧିକାରୀମାନେ କୌଣସି କାରଣବଶତଃ ପି.ଏମ୍. କିଷାନ୍ କେ.ୱାଇ.ସି. ଅପ୍‌ଡେଟ୍ କରିପାରି ନ ଥିଲେ ଧାର୍ଯ୍ୟ ଅବଧି ମଧ୍ୟରେ ଏହାକୁ ଶେଷ କରିପାରିବେ ବୋଲି ଜଣାପଡ଼ିଛି ।

ସି.ଏମ୍. କିଷାନ୍‌ରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀ ସାମିଲ୍ ଥିବାବେଳେ ପି.ଏମ୍. କିଷାନ୍‌ରେ ୩୪ ଲକ୍ଷ ୮୫ ହଜାର ହିତାଧିକାରୀ ରହିଛନ୍ତି ।

***BBSR/R***

## ବାଚସ୍ପତି – ଗଣତନ୍ତ୍ର

ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର, ଯେଉଁଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାର ସମାଧାନ ଏବଂ ନିରାକରଣ ସମ୍ଭବ ହୋଇଥାଏ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆୟୋଜିତ ଏକାଦଶ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ପାଢ଼ୀ’ ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା “ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ଭାଜନରେ ସହାୟକ” ଶୀର୍ଷକ ଆଲୋଚନା ଉପରେ ବକ୍ତବ୍ୟ ରଖି ଏହା କହିଛନ୍ତି । ଗତ ୧୧ ତାରିଖରୁ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ ।

***Sambalpur/R***

## ଜି.ଏସ୍.ଟି. ଆଲୋଚନାଚକ୍ର

ସମ୍ବଲପୁର ଚାମ୍ବର୍ ଅଫ୍ କମର୍ସ ପକ୍ଷରୁ ସ୍ଥାନୀୟ ପ୍ରେକ୍ଷାଳୟରେ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ

ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜି.ଏସ୍.ଟି. ସଂସ୍କାରଦ୍ୱାରା ଅନେକ କ୍ଷେତ୍ରରେ ସାମଗ୍ରୀ ମୂଲ୍ୟ ହ୍ରାସ ପାଇବା ସହ ପରିବର୍ତ୍ତନ ଓ ଅଭିବୃଦ୍ଧି ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

***BBSR/R***

# ମଧ୍ୟସ୍ଥତା କର୍ମଶାଳା

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆସନ୍ତା ୨୮ ତାରିଖରେ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା କର୍ମଶାଳା ଅନୁଷ୍ଠିତ ହେବ । ଏନେଇ ଗତକାଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଧ୍ୟସ୍ଥତାଦ୍ୱାରା ମକଦ୍ଦମାଗୁଡ଼ିକର ଆପୋଷ ସମାଧାନ କରିବା ଏକ ଉତ୍ତମ ମାଧ୍ୟମ, ଯାହାଦ୍ୱାରା ନ୍ୟାୟାଳୟ ଉପରୁ ଅଯଥା ଚାପ ହ୍ରାସ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । କର୍ମଶାଳାରେ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି  ବି.ଆର୍. ଗଭାଇଙ୍କ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ ଏବଂ ମଧ୍ୟସ୍ଥତା ସହ ସମ୍ପୃକ୍ତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

*Ganjam/R*

# ଏମ୍.ଏସ୍.ଏମ୍.ଇ. - ସମୀକ୍ଷା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ସର୍କିଟ୍ ହାଉସ୍‌ରେ ଖଣି ଓ ଇସ୍ପାତ, ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜିଲ୍ଲାର ଏମ୍.ଏସ୍.ଏମ୍.ଇ. ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆଗାମୀ ଦିନରେ ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗ ଓ ପାର୍କ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

*Puri/R*

# କାର୍ତ୍ତିକ ବ୍ରତ - ପଞ୍ଜୀକରଣ

ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବର୍ଷ କାର୍ତ୍ତିକ ହବିଷ ବ୍ରତ ପାଳନକୁ ନେଇ ଗତକାଲି ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ପକ୍ଷରୁ କେବଳ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ହବିଷ୍ୟାଳୀମାନଙ୍କୁ ୪ଟି ରହଣିକେନ୍ଦ୍ର ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣମଣ୍ଡପ ଏବଂ ରେଳବାଇ ଆଶ୍ରୟସ୍ଥଳରେ ରଖାଯିବ । କାର୍ତ୍ତିକ ବ୍ରତ ଅକ୍ଟୋବର ମାସ ୭ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ ।

*IPR*

## ସ୍ୱଚ୍ଛତା ହିଁ ସେବା

ସାମୂହିକ କାର୍ଯ୍ୟାନୁଷ୍ଠାନ ଏବଂ ନାଗରିକ ଅଂଶଗ୍ରହଣ ସହ ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ କରିବାପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱଚ୍ଛତା ହିଁ ସେବା କେବଳ ଏକ ଅଭିଯାନ ନୁହେଁ, ଏହା ଜନସାଧାରଣଙ୍କର ଦାୟିତ୍ୱର ପର୍ବ ବୋଲି ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି । ଏହି ଅଭିଯାନ ଆସନ୍ତା ବୁଧବାରଠାରୁ ଦେଶବ୍ୟାପୀ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧିଜୟନ୍ତୀ ପର୍ଯ୍ୟନ୍ତ ଜାରି ରହିବ ।

*Nabarangpur, Nayagarh/R*

## ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ

ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ଆସନ୍ତା ବୁଧବାରଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଭିଯାନରେ ମହିଳା, ଶିଶୁ ଓ କିଶୋରୀମାନଙ୍କପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ।

ନୟାଗଡ଼ ଜିଲ୍ଲାରେ ଏହି ଅଭିଯାନ ସମ୍ପର୍କିତ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି ।

*Cuttack/R*

# ଦୁର୍ଗାପୂଜା - ଅନୁମତି

ଦୁର୍ଗାପୂଜା ନିମନ୍ତେ ପୂଜାକମିଟିଗୁଡ଼ିକ ବିଭିନ୍ନ ଅନୁମତି ହାସଲ କରିବାପାଇଁ ଆଜି ଦିନକପାଇଁ ବାରବାଟୀ ପ୍ୟାଲେସ୍‌ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକକ ବାତାୟନ ବ୍ୟବସ୍ଥା କାର୍ଯ୍ୟକ୍ଷମ ରହିବ । ସକାଳ ୯ଟାରୁ ଅପରାହ୍ଣ ସାଢ଼େ ୫ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ । ସୂଚନାଯୋଗ୍ୟ, ଗତ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏକକ ବାତାୟନରେ କେତେକ ପୂଜାକମିଟି ବିଭିନ୍ନ କାରଣବଶତଃ ଏନ୍.ଓ.ସି. ହାସଲ କରିପାରି ନ ଥିବାରୁ ଏହି ଅବଧିକୁ ଗୋଟିଏ ଦିନପାଇଁ ବୃଦ୍ଧି କରାଯାଇଛି ।

*Desk*

# ରେଳବାଇ - ରାଜଭାଷା ସପ୍ତାହ

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ରାଜଭାଷା ସପ୍ତାହ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରଳ ଭାବଗତ ସଂଯୋଗ ସୁନିଶ୍ଚିତ କରିବା ଓ ଭାଷାଗତ ତାରତମ୍ୟକୁ ଦୂର କରିବାପାଇଁ ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ ।

*Met.O.*

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ଓ ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

*****